**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ–୧୧୦୦୦୧**

**ଫୋ.ନଂ–୨୩୦୦୫୭୦୦, ଫା.ନଂ–୨୩୦୦୫୭୮୭**

**ତା.୦୬.୦୩.୨୦୧୪**

**ଶ୍ରୀମତୀ ମୀନାକ୍ଷୀ ଲେଖିଙ୍କ ପ୍ରେସ ଇସ୍ତାହାର ।**

**ଆପର ପାପ**

ଆମ ଆଦମୀ ପାର୍ଟି ଆଜି କଂଗ୍ରେସର କ୍ରୁର ରାଜନୀତିର ଏକ ନୂତନ ଗୋଟି ଭଳି ମନେହୁଏ । ତାହା ନହେଲେ କେଜ୍ରିଓ୍ୱାଲଙ୍କ ନେଇ ଗୁଜୁରାଟରେ ଘଟିଥିବା ଏକ ସାଧାରଣ ଘଟଣା ଏତେ ବିରାଟ ରୂପ ନେଲା କିପରି ? ଏହା ମାଧ୍ୟମରେ କଂଗ୍ରେସ ସରକାର କିଛି ଭ୍ରଷ୍ଟାଚାର ଉପରୁ ପରଦା ହଟିବା ଘଟଣା ଉପରୁ ଜନତାଙ୍କ ଦୃଷ୍ଟି ହଟାଇବାକୁ ଚାହୁଁଛି । ନୂତନ ପାର୍ଟି ଆମ ଆଦମୀ ପାର୍ଟି ମୋଦି ବା ବି.ଜେ.ପି ପାଇଁ କୌଣସି ବିପଦ ନୁହେଁ । ତାଙ୍କ ଦଳ ପାଉଥିବା ଆର୍ଥିକ ଅନୁଦାନ ଆଜି ଏକ କୁହେଳିକା ମଧ୍ୟରେ । ଏହାର କିଛି ମୁଖ୍ୟ ସଦସ୍ୟ ଶ୍ରୀମତୀ ସୋନିଆ ଗାନ୍ଧିଙ୍କ ଅତିରିକ୍ତ ବା ଅଣସାମ୍ବିଧାନିକ ଏନ.ଜି.ଓ, ଯାହାକୁ ଆମେ ଏନ.ଏ.ସି କହିପାରିବା ସେଠାରୁ ଆସିଛନ୍ତି । ତାଙ୍କ ନ୍ୟାୟିକ ସେଲର କିଛି ପ୍ରଭାବଶାଳୀ ବ୍ୟକ୍ତି ମଧ୍ୟ ବିଛିନ୍ନତାବାଦୀଙ୍କୁ ସମର୍ଥନ ଦେବା ସହ ବହୁ ସଦସ୍ୟ ରାଜ୍ୟ ରାଜ୍ୟ ମଧ୍ୟରେ ଦ୍ୱନ୍ଦ୍ୱ କରିବାର ଇଚ୍ଛା ପ୍ରକାଶ କରନ୍ତି । ଏହା ମାଧ୍ୟମରେ କଂଗ୍ରେସର ସ୍ଥିତି ଦିନକୁ ଦିନ ଦୁର୍ବଳ ହେବାକୁ ଲାଗୁଛି ।

–୨୦୦୪ ମସିହାରେ ଡ଼େପୁଟି ପ୍ରଧାନମନ୍ତ୍ରୀ ଶ୍ରୀ ଆଡ଼ଭାନୀଙ୍କୁ ମଧ୍ୟ ପାଟଣା ଡ଼ିଷ୍ଟ୍ରିଟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅଟକାଇ ଯାଇଥିଲା । ସେ କହିଥିଲେ କି, ସେ ନିର୍ବାଚନର ଆଚରଣ ବିଧିର ନିୟମର ମର୍ଯ୍ୟଦା ରକ୍ଷା କରି ନିଜ ବକ୍ତବ୍ୟ ରାତି ୧୦ଟା ସୁଦ୍ଧା ଶେଷ କରିଦେବେ । ପୂର୍ବରୁ ଅକ୍ଟୋବର ମାସରେ ମଧ୍ୟ ବିସ୍ଫୋରଣରେ ୫ ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିଲେ । ହେଲେ ବି.ଜେ.ପି ଉକ୍ତ ଅଞ୍ଚଳର ନିୟମ ପାଳନ

କରିଥିବା ହେତୁ ତାହାକୁ ଆଦୌ ଦାୟୀ କରାଯାଇନଥିଲା । ତେଣୁ ଆମ ଆଦମୀ ପାର୍ଟି କୌଣସି ଅଞ୍ଚଳର ନିର୍ବାଚନ କମିଶନରଙ୍କର ନିର୍ବାଚନର ଆଚରଣ ବିଧି ଲାଗୁ ହେବା ପରେ ମଧ୍ୟ ତାହାକୁ ଉଲଘଂନ କରିବା ଏକ ଅପରାଧ ଅଟେ । ତେବେ ଆମେ କଅଣ ଦେଶକୁ ଲିବିଆ ବା ସିରିଆ ଭଳି କରିବାକୁ ଚାହୁଁଛୁ ?

–ଥରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ନିର୍ବାଚନର ସମସ୍ତ ପ୍ରଚାର ତଥା କାର୍ଯ୍ୟ କଳାପ ନିୟନ୍ତ୍ରଣ କରାଯାଏ । ଏଥିପାଇଁ ପୋଲିସ ଓ ଜିଲ୍ଲା ପ୍ରଶାସନକୁ ମଧ୍ୟ କୈଫିୟତ ଦେବାକୁ ହୁଏ । ତେବେ କେଜ୍ରିଓ୍ୱାଲଙ୍କ ଡ୍ରାମା ଓ ଶୋଭାଯାତ୍ରାକୁ ରୋକିବା ପୋଲିସର ଏକ ଦାୟିତ୍ୱ ଓ କର୍ତ୍ତବ୍ୟ । ଏହାକୁ ଉଲଘଂନ କରିବା ଅପରାଧରେ କେଜ୍ରିଓ୍ୱାଲଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବା ତାଙ୍କ ବିରୋଧରେ କୌଣସି ଏଫ.ଆଇ.ଆର ଦାଖଲ ହୋଇନାହିଁ । ଜଣେ ପୂର୍ବତନ ଆଇ.ଏ.ଏସ ଅଫିସର ଭାବରେ ସମସ୍ତ ନୀତି ନିୟମ ତାଙ୍କୁ ଜଣା ଥିଲେ ମଧ୍ୟ କେବଳ ବୃଥା ଲୋକପ୍ରିୟତା ଓ ପ୍ରଚାର ପାଇଁ ହିଁ ସେ ଏପରି କରିଛନ୍ତି ।

–ବର୍ତ୍ତମାନ ଅଗଷ୍ଟା ଓ୍ୱେଷ୍ଟଲ୍ୟାଣ୍ଡ କମ୍ପାନୀର ୧୨ଟି ଭି.ଭି.ଆଇ.ପି ଚପ୍ପର କ୍ରୟ ନେଇ ହୋଇଥିବା ୩,୬୦୦ କୋଟି ବା ୭୭୦ ବିଲିୟନ ଡ଼ଲାରର ଦୁର୍ନୀତିର ଖାନ ତଲାଶ ହେବା, ବିଶେଷ କରି କଂଗ୍ରେସର ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧି ଓ ତାଙ୍କ ପରିବାର ଉପରେ ଆଙ୍ଗୁଠି ଉଠିବା ସମୟରେ ଏହା ଉପରୁ ଜନତାଙ୍କ ଧ୍ୟାନ ହଟାଇବାକୁ କଂଗ୍ରେସ କେଜ୍ରିଓ୍ୱାଲଙ୍କୁ ଏପରି ଡ୍ରାମା କରିବାକୁ କଂଗ୍ରେସ ନିର୍ଦ୍ଦେଶ ଦେଇଛି କହିଲେ ଭୂଲ ହେବନାହିଁ ।

– ଗତ କାଲି ଅଶ୍ୱିନୀ କୁମାର ଯେ କି ଆପର ଜାତୀୟ ପାରିଷଦର ଜଣେ ସଦସ୍ୟ ତାଙ୍କ କେଶର ପର୍ଦ୍ଦାଫାଶ ହେବାର ଥିଲା । ଏହାର ରିପାର୍ଟ ଦିନ ୧୧ଟା ସମୟରେ ଦାଖଲ ହୋଇଥିଲା ଓ ୨ଟା ବେଳେ ପ୍ରେସ କନଫରେନ୍ସ ହୋଇଥିଲା । ତାଙ୍କୁ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି ସହ ସଂପୃକ୍ତ ବୋଲି ମଧ୍ୟ ସନ୍ଦେହ କରାଯାଏ । ବାକି ଜାତୀୟ ପାରିଷଦର ୩୦୦ ସଦସ୍ୟଙ୍କ ମଧ୍ୟରୁ ୫୦ ଜଣ ମଧ୍ୟ ଏଥିରେ ସଂପୃକ୍ତ ବୋଲି ଅନୁମାନ କରାଯାଏ । ସେମାନଙ୍କର ଆମେରିକାର ସି.ଆଇ.ଏ ଓ ପାକିସ୍ଥାନର ଆଇ.ଏସ.ଆଇ ଅନୁଦାନରେ ଚାଲୁଥିବା ଏନ.ଜି.ଓ ସହ ସମ୍ପର୍କ ସମ୍ବନ୍ଧରେ ଅଶ୍ୱିନୀକୁମାରଙ୍କ ତା.୪.୦୩ ର ଇ.ମେଲରୁ ମିଳିଅଛି ।

–ବହୁ ଭାରତୀୟ ଏନ.ଜି.ଓ ଓ ବ୍ୟକ୍ତି ବିଶେଷଙ୍କୁ ପ୍ରତ୍ୟେକ୍ଷରେ ହେଉ ବା ପରୋକ୍ଷରେ ହେଉ ଆମେରିକାର ସି.ଆଇ.ଏ, ପାକିସ୍ଥାନର ଆଇ.ଏସ.ଆର, ଆମେରିକାର ଫ୍ରଡ଼ ଫାଉଣ୍ଡେସନ, ଏନ.ଜି ଆଭାଜ ଏବଂ ବହୁ ବିଦେଶୀ ସଂସ୍ଥା ଆର୍ଥିକ ଅନୁଦାକ ଯୋଗାଇ ଆସିଛନ୍ତି । ସେଥିରୁ କିଛି ବିଚ୍ଛିନ୍ନତାବାଦୀ, ନକ୍ସଲ, ମାଓବାଦୀ ଓ ଆତଙ୍କବାଦୀ ଅଟନ୍ତି । ପରୋକ୍ଷରେ ହେଉ ବା ପ୍ରତ୍ୟେକ୍ଷରେ ହେଉ ସେମାନେ ଦେଶ ବିରୋଧୀ କାର୍ଯ୍ୟ କଳାପରେ ଲିପ୍ତ । ସେଥିରୁ କିଛି ବ୍ୟକ୍ତି ଆଇ.ଏସ.ଆଇ ଓ ଏନ.ଏ.ସି ର ମୁଖ୍ୟ ଅଙ୍ଗ ଭାବରେ ଭାରତରେ ବିଧାନସଭା ଓ ଲୋକସଭା ନିର୍ବାଚନରେ ଲଢୁଛନ୍ତି ମଧ୍ୟ ।

–ଆପର କୋର କମିଟିର ଅବସର ପ୍ରାପ୍ତ ଆଡ଼ମିରାଲ ଲକ୍ଷ୍ମୀ ନାରାୟଣ ରାମଦାସ ଓ ତାଙ୍କ ପରିବାରର ଫ୍ରଡ଼ ଫାଉଣ୍ଡେସନ ସହ ସମ୍ପର୍କ ରହିଅଛି । ତାଙ୍କ ଜୈଷ୍ଠ କନ୍ୟା କବିତା ରାମଦାସ ଫ୍ରଡ଼ ଫାଉଣ୍ଡେସନର ଦକ୍ଷିଣ ଏସିଆର ମୁଖ୍ୟ ଓ ପତ୍ନୀ ଲୀଳା ରାମଦାସ ବିଶାଖା ଗାଇଡ଼ ଲାଇନସ ଅଧିନରେ ଗଠନ କରାଟାଇଥିବା କମିଟି ମୁଖ୍ୟ ଅଟନ୍ତି । ରାମଦାସ ନିଜେ ରେମାନ ମେଗାସିସ ପୁରସ୍କାରର ବିଜେତା ଓ ସେ ଉକ୍ତ ପୁରସ୍କାର ପାଇଁ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ନାମ ମଧ୍ୟ ସୁପାରିଶ କରିଛନ୍ତି ।

– ସେମିତି ଦେଖିବାକୁ ଗଲେ ଆମେମାନେ କୌଣସି ରାଜନୈତିକ ଦଳର ବିରୋଧୀ ନୁହେଁ । ହେଲେ ରାଷ୍ଟ୍ର ବିରୋଧୀ ଚିନ୍ତା ଧାରାର ବିରୋଧ କରୁ । ଗତ କିଛି ଦିନରେ ଆପର ଯେଉଁଭଳି ରାଷ୍ଟ୍ର ବିରୋଧୀ ଆଚରଣ ଲକ୍ଷ୍ୟ କରିଅଛୁ ଆମେ କେବଳ ତାହା ବିରୋଧରେ ସ୍ୱର ଉତ୍ତୋଳନ କରୁଅଛୁ । ପ୍ରତ୍ୟେକ ଲୋକ ନିଜସ୍ୱ ମତାମତ ପୋଷଣ କରିବାର ଅଧିକାର ରହିଅଛି । ହେଲେ ନିଜସ୍ୱ ମତାମତ ମାଧ୍ୟମରେ ସେ ରାଷ୍ଟ୍ର ବିରୋଧୀ ମତାମତ ମଧ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ ।

ଯେଉଁ ବ୍ୟକ୍ତିମାନେ ଆପ କୁ ଅର୍ଥିକ ଅନୁଦାନ ଯୋଗାଉଛନ୍ତି ମୁଁ ତାଙ୍କୁ ଏକ ପ୍ରଶ୍ନ ପଚାରୁଛି । ବର୍ତ୍ତମାନର ସ୍ଥିତିରେ ସେମାନେ ଆପକୁ ଦେଖି ଖୁସି ତ ? ତିଲକ ନଗରର ବିଧାୟକ ଜରନେଲ ସିଂହଙ୍କୁ ପଥର ଫିଙ୍ଗିବା ଅବସ୍ଥାରେ ଦେଖିବା ତାଙ୍କ ପାଇଁ ଅପମାନ ବିଷୟ ନୁହେଁ ତ ?